SHREE JAGANNATHA
TEMPLE ADMINISTRATION
Puri, Odisha

# ଶ୍ରୀମନ୍ଦିର ସମାଚାର

## SHREE JAGANNATH TEMPLE BULLETIN

ସେପ୍ଟେମ୍ବର - ୨୦୨୩ SEPTEMBER-2023

## ଶ୍ରୀମନ୍ଦିରରେ କୁମାର ପୂର୍ଣ୍ଣିମାରେ ଶ୍ରୀସୁଦର୍ଶନ ବିଜେ ଏବଂ ଦ୍ୟୂତକ୍ରୀଡ଼ା ଉତ୍ସବ

ଶାସ୍ତ୍ରରେ ଆଶ୍ୱିନ ପୂର୍ଣ୍ଣିମାକୁ କୁମାର ପୂର୍ଣ୍ଣିମା, ଶରତ୍ ପୂର୍ଣ୍ଣିମା, କୌମୁଦୀ ପୌର୍ଣ୍ଣମାସୀ କୁହାଯାଏ । ଜୟସିଂହ କଳ୍ପଦ୍ରୁମରେ କୌମୁଦୀ ଶବ୍ଦର ବ୍ୟୁତ୍ପତ୍ତି ଅନୁସାରେ-

‘କୌ ମୁଦନ୍ତି ଜନା ଯସ୍ମାନ୍ନା ନା ଭାବୈଃ ପରସ୍ପରମ୍ ।
ହୃଷ୍ଟାତୁଷ୍ଟାଃ ସୁଖାପନ୍ନାସ୍ତେନୈଷା କୌମୁଦୀ ସ୍ମୃତା ।।’

ଯେଉଁ ତିଥିରେ ଲୋକେ ନାନା ଭାବରେ ପରସ୍ପରକୁ ଆନନ୍ଦ ପ୍ରଦାନ ପୂର୍ବକ ସୁଖୀ ହୁଅନ୍ତି ତାକୁ କୌମୁଦୀ କୁହାଯାଏ । ସେଦିନ ଯେ ଅକ୍ଷକ୍ରୀଡ଼ା କରି ରାତ୍ରି ଜାଗରଣ କରେ ଦେବୀ ଲକ୍ଷ୍ମୀ ତା ପ୍ରତି ବରଦା ହୁଅନ୍ତି । ସୁତରାଂ ଶ୍ରୀମନ୍ଦିରରେ ଶ୍ରୀମଦନମୋହନ ଓ ଶ୍ରୀଦେବୀଙ୍କ ମଧ୍ୟରେ ଅକ୍ଷକ୍ରୀଡ଼ା ବା ପଶାଖେଳ ଅନୁଷ୍ଠିତ ହୋଇଥାଏ । ଚକ୍ରରାଜ ଶ୍ରୀସୁଦର୍ଶନ ଭକ୍ତମାନଙ୍କର ଶୁଭକାମନା ପୂର୍ବକ ନଗର ଭ୍ରମଣ କରି ପ୍ରାଚୀନ ତିନି ଋଷି ଆଶ୍ରମକୁ ବିଜେ କରିଥାଆନ୍ତି । ଶରତ୍ ପୂର୍ଣ୍ଣିମାର ରାତ୍ରିରେ ଭଗବାନ ଶ୍ରୀକୃଷ୍ଣ ରାସଲୀଳା ଆରମ୍ଭ କରିଥିଲେ । ଶରତ୍ ପୂର୍ଣ୍ଣିମା କୁମାର ଉତ୍ସବର ଦିବସ ।



କୁମାର ପୂର୍ଣ୍ଣିମା ଦିନ ମଧ୍ୟାହ୍ନ ଧୂପ ଶେଷ ହେବା ଉତ୍ତାରୁ ରତ୍ନସିଂହାସନରୁ ଶ୍ରୀଦେବୀ ଏବଂ ଭୂଦେବୀ ଖଟ ଶେଯ ଘରକୁ ବିଜେ ହୋଇଥାଆନ୍ତି । ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରାପ୍ତହୋଇ ଶ୍ରୀସୁଦର୍ଶନ ଜଗମୋହନସ୍ଥିତ ଚଉଦୋଳରେ ବିଜେ ହୋଇଥାଆନ୍ତି । ଚଉଦୋଳରେ ଶ୍ରୀସୁଦର୍ଶନଙ୍କୁ ପାଟ, ପତନି, ମାଳ, ଚୂଳ ଆଦିରେ ଅଳଂକୃତ କରି ରୁନ୍ଧା ପୂର୍ବକ ଝୁଲଣମଣ୍ଡପ ତଳେ ସ୍ଥାପନ କରାଯାଇ ସ୍ୱର୍ଣ୍ଣାଳଙ୍କାରରେ ଭୂଷିତ କରାଯାଏ । ବିମାନବଡୁ ସେବକମାନେ ଚଉଦୋଳକୁ ଭିତର ବେଢ଼ାରେ ଶ୍ରୀମନ୍ଦିର ଚାରିପଟେ ଏକ ଘେରା ବୁଲାଇ ଘଣ୍ଟ ଛତ୍ର, କାହାଳୀ ସହ ସିଂହଦ୍ୱାର ବାଟେ ମରୀଚିକୋଟ ଛକ ଦେଇ ସେଠାରୁ ଦୋଳମଣ୍ଡପ ସାହିସ୍ଥ ଅଙ୍ଗିରା ଆଶ୍ରମ, ବାଲି ସାହିସ୍ଥ ଭୃଗୁ ଆଶ୍ରମ ଏବଂ ଗୌଡ଼ବାଡ଼ ସାହିସ୍ଥିତ କଣ୍ଡୁ ଆଶ୍ରମକୁ ବିଜେ କରାଇ ପନ୍ତି ଭୋଗ ଏବଂ ବନ୍ଦାପନାଦି ନୀତି ପୂର୍ବକ ବାହୁଡ଼ା ବିଜେ କରିବା ଅବସରରେ ପଶ୍ଚିମ ଦ୍ୱାର ଚକଡ଼ାରେ ବିରାଜମାନ କରିଥାଆନ୍ତି । ସେଠାରେ ପତିମହାପାତ୍ର ସେବକ ଶ୍ରୀସଦୁର୍ଶନଙ୍କୁ ପ୍ରସାଦ ଲାଗି ଓ ବନ୍ଦାପନାଦି କରିବା ପରେ ଚଉଦୋଳକୁ ଜୟବିଜୟ ଦ୍ୱାରଠାରେ ପହଞ୍ଚାଇବା ଉତ୍ତାରୁ ଦଇତା ସେବକମାନେ ରୁନ୍ଧା ଫିଟାଇ ଶ୍ରୀସୁଦର୍ଶନଙ୍କୁ ରତ୍ନସିଂହାସନ ଉପରକୁ ବିଜେ କରାଇଥାଆନ୍ତି । ତତ୍ପରେ ରତ୍ନସିଂହାସନକୁ ଧୋପଖାଳ କରାଯାଇ ଚାରିବାଡ଼ର ମହାସ୍ନାନ ନୀତି ବଢ଼ିଥାଏ । ମହାସ୍ନାନ ପରେ ଖଟ ଶେଯ ଘରୁ ଶ୍ରୀଦେବୀ ଏବଂ ଭୂଦେବୀ ବିଜେ ହୋଇ ରତ୍ନସିଂହାସନକୁ ଆସନ୍ତି । ଶ୍ରୀବିଗ୍ରହମାନଙ୍କର ସର୍ବାଙ୍ଗ ଏବଂ ନୂତନ ବସ୍ତ୍ର ଲାଗି ପରେ ବେଶ ଅନୁଷ୍ଠିତ ହୋଇଥାଏ । ସନ୍ଧ୍ୟାଧୂପ ପୂଜା ଅବସରରେ ଶ୍ରୀସଦୁର୍ଶନଙ୍କ ବାଡ଼ରେ ପ୍ରସାଦଲାଗି ଏବଂ ବନ୍ଦାପନାଦି ନୀତି ବଢ଼ିଥାଏ । ଭୋଗ ସରି ପାଣି ପଡ଼ିବା ପରେ ଶ୍ରୀମଦନମୋହନ ଦକ୍ଷିଣିଘରୁ ରତ୍ନସିଂହାସନ ଉପରକୁ ବିଜେ ହୁଅନ୍ତି । ବାହାର କୁମାରଉତ୍ସବ ନିମିତ୍ତ ଶ୍ରୀମଦନମୋହନ ଏବଂ ଶ୍ରୀଦେବୀ ଆଜ୍ଞାମାଳ ପାଇ ପାଲିଙ୍କିରେ ବିଜେ ହୋଇ ମହାଲକ୍ଷ୍ମୀ ମନ୍ଦିରସ୍ଥ ଜଗମୋହନରେ ଥିବା ଖଟ ଉପରେ ବିରାଜମାନ କରନ୍ତି । ଏଠାରେ ଶ୍ରୀମଦନମୋହନ ଏବଂ ଶ୍ରୀଦେବୀଙ୍କ ମଧ୍ୟରେ ପଶା, ଶକଟା, କଉଡ଼ି ଖେଳ ଅନୁଷ୍ଠିତ ହୁଏ । ଏଠାରେ ଶୀତଳମଣୋହି ପରେ ବାହୁଡ଼ା ବିଜେ ଅନୁଷ୍ଠିତ ହୋଇ ଶ୍ରୀମଦନମୋହନ ଦକ୍ଷିଣି ଘରେ ଏବଂ ଶ୍ରୀଦେବୀ ରତ୍ନସିଂହାସନରେ ଆସୀନ ହୋଇଥାଆନ୍ତି ।

ଭିତର ଚନ୍ଦନଲାଗି ନୀତି ଏବଂ ନୂତନ ବସ୍ତ୍ରାଳଙ୍କାର ସହ ବଡ଼ସିଙ୍ଗାର ବେଶ, ଭୋଗ ସରିବା ପରେ ପାରମ୍ପରିକ ଦ୍ୟୂତକ୍ରୀଡ଼ା ଉତ୍ସବ ନିମିତ୍ତ ରତ୍ନସିଂହାସନ ତଳେ ପଶା, ଶକଟା, କଉଡ଼ି ଖେଳ ଅନୁଷ୍ଠିତ ହେବାପରେ ରତ୍ନସିଂହାସନ ଉପରେ ମଧ ପଶାଖେଳ ଆୟୋଜିତ ହୋଇଥାଏ । ମହାପ୍ରଭୁଙ୍କ ତରଫରୁ ମୁଦିରସ୍ତ ଏବଂ ଦେବୀ ଲକ୍ଷ୍ମୀଙ୍କ ପକ୍ଷରୁ ଭିତରଛ ମହାପାତ୍ର ପ୍ରତିନିଧିତ୍ୱ କରି ପଶା, ଶକଟା ଖେଳିଥାଆନ୍ତି ।

ଦ୍ୟୂତକ୍ରୀଡ଼ାରେ ମହାପ୍ରଭୁ ଦେବୀ ଲକ୍ଷ୍ମୀଙ୍କ ଠାରୁ ହାରିଯିବାରୁ ଶ୍ରୀମାଧବଙ୍କୁ ରତ୍ନସିଂହାସନରୁ ହସ୍ତରେ ବିଜେ ହୋଇ ଏକ ସପ୍ତାହ ପର୍ଯ୍ୟନ୍ତ ମହାଲକ୍ଷ୍ମୀଙ୍କ ମନ୍ଦିରରେ ବନ୍ଧା ରହିବାକୁ ପଡ଼େ । ଅଷ୍ଟମ ଦିବସରେ ଅବକାଶ ପୂଜା ଠା’ ସମୟକୁ ଶ୍ରୀମାଧବ ରତ୍ନସିଂହାସନକୁ ବାହୁଡ଼ା ବିଜେ ହୁଅନ୍ତି । କୁମାର ପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ଅନୁଷ୍ଠିତ ଉତ୍ସବ ଏବଂ ନୀତି ଗୁଡ଼ିକରେ ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୁଏ ।

*ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟ- ମିଶ୍ର ଲେନ୍,*
*ସମ୍ପାଦକ- ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ, ମାର୍କଣ୍ଡେଶ୍ୱର ସାହି, ପୁରୀ*

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣଜନ୍ମାଷ୍ଟମୀ :

ତା ୬.୯.୨୩ ରିଖ ବୁଧବାର ପବିତ୍ର ଜନ୍ମାଷ୍ଟମୀ ଅବସରରେ ସଂଧ୍ୟାଧୂପ ବେଶରେ ନୂଆ ବୋଇରାଣୀ ପତନି ଲାଗି ସହିତ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା । ସଂଧ୍ୟାଧୂପ ସରିଲା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ଭଣ୍ଡାର



ଦୁଆର ଆଗରେ ପୋଛ ମରାଯାଇଥିଲା । ପରେ ପଞ୍ଚବର୍ଣ୍ଣ ମୁରୁଜରେ ଜଣେ ପୂଜାପଣ୍ଡା 'ସର୍ବତ୍ର ଭଦ୍ର ମଣ୍ଡଳ' ଲେଖିଥିଲେ । ଶୁଦ୍ଧସୁଆର ପୂଜା ଠା' କରନ୍ତେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ବାକ୍ୟ ବିନିମୟରେ ବରୁଣ ପୂଜା କରିଥିଲେ । ରୂପା ପଦ୍ମ ପାଖୁଡ଼ା, କୃଷ୍ଣ ଜନ୍ମପଟି ଏବଂ ସୁବର୍ଣ୍ଣ କୃଷ୍ଣ ପ୍ରତିମା ଭଦ୍ରମଣ୍ଡଳ ଉପରେ ରଖାଯାଇଥିଲା । ଦକ୍ଷିଣ ଘରୁ ମଦନମୋହନ ରତ୍ନ ସିଂହାସନକୁ ବିଜେ କରି ଆଜ୍ଞାମାଳ ପାଇ ଜନ୍ମ ଚକଡ଼ାରେ ବିଜେ କରିଥିଲେ । ଏଠାରେ ଗର୍ଭ ଉଦକ କର୍ମ, ଶୀତଳ ଭୋଗ ପରେ ଦୁଇଜଣ ମହାଜନ ସେବକ ଲୁଗା ଘୋଡ଼ାଇ ହୋଇ ଦେବକୀ ଓ ବସୁଦେବ ଭାବରେ ଶ୍ରୀକୃଷ୍ଣଙ୍କୁ ଜନ୍ମ କରାଇଥିଲେ । ଜନ୍ମନୀତି ଶେଷ ହେବା ପରେ ପ୍ରସାଦ ଲାଗି, ଦୁଧ ଲହୁଣୀ ଓ ଗାଣ୍ଡୁଷ ମସଲା ସମର୍ପଣ ପୂର୍ବକ ମଣୋହି ପରେ କର୍ପୂର ଆଳତି ହୋଇ ରୂପା ଥାଳିରେ ମଦନମୋହନ ବିଜେ କରି ବାହାରକୁ ଆସିଥିଲେ । ଜଣେ ସେବକ ଉଗ୍ରସେନ ଭାବରେ ଦଣ୍ଡପ୍ରଣାମ କରିଥିଲେ । ଏହି ସମୟରେ ବେହେରା ଖୁଣ୍ଟିଆ ଠାକୁରଙ୍କ ମସ୍ତକ ଉପରେ ସପ୍ତଫେଣା ବାସୁକୀଙ୍କୁ ଧରି ଚାଲିଥିଲେ । ମୁଦିରସ୍ତ ସେବକ ପ୍ରସାଦ ଲାଗି ଓ ବନ୍ଦାପନା କରିବା ପରେ ମଦନମୋହନ ନାଭିକଟା ମଣ୍ଡପ ଠାରେ ଖଟ ଶେଯ ଉପରେ ବିଜେ କରିଥିଲେ ଏବଂ ମହାଜନମାନେ ଦକ୍ଷିଣ ଘରୁ ରାମକୃଷ୍ଣଙ୍କୁ ଆଣି ଖଟ ଶେଯ ଉପରେ ବିଜେ କରାଇଥିଲେ । ଏହାପରେ ନାଭି ଛେଦନ ହୋଇ ପଞ୍ଚାମୃତରେ ମହାସ୍ନାନ, ଶୀତଳଭୋଗ ମଣୋହି ଓ ବନ୍ଦାପନା ପରେ ମହାଜନମାନେ ଠାକୁରମାନଙ୍କୁ ହାତରେ ବିଜେ କରାଇ ଜଗମୋହନରେ ପ୍ରସ୍ତୁତ କରାଯାଇଥିବା ଦୋଳିରେ ବିଜେ କରାଇଥିଲେ । ଏଠାରେ ଶୀତଳଭୋଗ ଛାମୁଁକୁ ଆସିବା ପରେ ପ୍ରସାଦ ଲାଗି, ପୂଜା ଓ ମଣୋହି ହୋଇ ବନ୍ଦାପନା ସରିବା ପରେ ଭିତରେ ପାଣି ପଡ଼ି, ବଡ଼ସିଂହାର ଭୋଗ ଛେକ ଆସିବା ମାତ୍ରେ ରାମକୃଷ୍ଣ ରତ୍ନ ସିଂହାସନକୁ ଏବଂ ମଦନମୋହନ ଦକ୍ଷିଣ ଘରକୁ ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ କାଳୀୟଦଳନ ବେଶ ଓ ଧେନୁକାସୁର ବଧ ପ୍ରସ୍ତାବ :

ତା ୧୦.୯.୨୩ ରିଖ ରବିବାର ଏକାଦଶୀ ଦିନ ମଧ୍ୟାହ୍ନ ଧୂପ ସରିଲାପରେ ମଦନମୋହନ, ରାମକୃଷ୍ଣ ଆଜ୍ଞାମାଳ ପାଇ ପାଲିଙ୍କିରେ ଘଣ୍ଟ, ଛତା, କାହାଳୀ ସହ ସିଂହଦ୍ୱାର ଦେଇ ଲୋକନାଥ ରୋଡ଼ରେ ଥିବା ଲବଣୀଖିଆକୁ ବିଜେ କରିଥିଲେ । ସେଠାରେ ମହାଭୋଇ ଘରର ବୋହୂମାନେ ସର, ଲବଣୀ ଭୋଗ କରିବାସହ ବନ୍ଦାପନା କରିଥିଲେ । ସେଠାରୁ ବିଅଁମାନେ ମାର୍କଣ୍ଡ ପୁଷ୍କରିଣୀକୁ ବିଜେ କରିଥିଲେ । ସେଠାରେ 'କାଳୀୟ ଦଳନ ଲୀଳା' ପ୍ରସ୍ତାବ ଆଗତ ହୋଇଥିଲା । ଏହାପରେ ଶୀତଳଭୋଗ, ବନ୍ଦାପନା ହୋଇ ବିଅଁମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ । ସଂଧ୍ୟାଧୂପ ବେଶରେ ମହାପ୍ରଭୁ ସପ୍ତଫେଣୀ ସର୍ପ ଉପରେ ନୃତ୍ୟ ଭଙ୍ଗୀରେ ଦଣ୍ଡାୟମାନ ସହିତ ଦକ୍ଷିଣ ହସ୍ତରେ ବଂଶୀ ଓ ଉତ୍ତର ହସ୍ତରେ ସର୍ପର ଲାଙ୍ଗୁଡ଼କୁ ଧରିଥିଲେ । ସଂଧ୍ୟାଧୂପ ସରିଲା ପରେ ଜଗମୋହନକୁ ବିଅଁମାନେ ବିଜେ କରିଥିଲେ । ସେଠାରେ କୁଣ୍ଢାଇବେଣ୍ଟ ସାହି ତରଫରୁ 'ଧେନୁକାସୁର ବଧ ପ୍ରସ୍ତାବ' ଆଗତ ହେବା ପରେ ଶୀତଳଭୋଗ, ବନ୍ଦାପନା ହୋଇ ବିଅଁମାନେ ଦକ୍ଷିଣ ଘରକୁ ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ସାତପୁରୀ ଅମାବାସ୍ୟା ଓ ବସ୍ତ୍ରହରଣ ଲୀଳା :

ତା ୧୫.୯.୨୩ ରିଖ ଶୁକ୍ରବାର ଭାଦ୍ରବ ଅମାବାସ୍ୟା ତିଥିରେ ଅବକାଶ ପରେ ବେଶ ହୋଇ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା । ଗୋପାଳବଲ୍ଲଭ ଭୋଗ ସରିଲା ପରେ ସକାଳ ଧୂପକୁ ସାତପୁରୀ ଭୋଗ ଘଣ୍ଟଛତା କାହାଳୀରେ ଆସିବା ପରେ ମୁଦିରସ୍ତ ପ୍ରସାଦ ଲାଗି କଲାପରେ ଭୋଗ ପୂଜା ବସି ସମାପନ ହୋଇ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ତିନିବାଡ଼ରେ ବନ୍ଦାପନା କରିଥିଲେ । ଏହାପରେ ନାରାୟଣ ଅମାବାସ୍ୟା ନିମନ୍ତେ ସାଗର ବିଜେ କରିଥିଲେ । ଅନ୍ୟାନ୍ୟ ନୀତି ହୋଇ ସନ୍ଧ୍ୟାଧୂପ ସମାପନ ପରେ ମଦନମୋହନ ଉତ୍ତରପାର୍ଶ୍ୱ ନାଟପା ମନ୍ଦିର ଖଟକୁ ବିଜେ କରିଥିଲେ । ସେଠାରେ କାଳିକାଦେବୀ ସାହି ତରଫରୁ 'ବସ୍ତ୍ରହରଣ ଲୀଳା ପ୍ରସ୍ତାବ' ଆଗତ ହେଲା ପରେ ଶୀତଳଭୋଗ, ବନ୍ଦାପନା ପରେ ଦକ୍ଷିଣଘରକୁ ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ଗଣେଶ ଚତୁର୍ଥୀ :



ତା ୧୯.୯.୨୩ ରିଖ ମଙ୍ଗଳବାର ଭାଦ୍ରବ ମାସ ଶୁକ୍ଳ ଚତୁର୍ଥୀ ତିଥିରେ ସନ୍ଧ୍ୟାଧୂପ ସରିଲା ପରେ ବଟ ଗଣେଶ ଓ କାଞ୍ଚି ଗଣେଶଙ୍କ ନିକଟରେ ଶୀତଳଭୋଗ ଓ ବନ୍ଦାପନା ହେଲା ପରେ ଭୁବନେଶ୍ୱରୀଙ୍କ ନିକଟରେ ଶୀତଳଭୋଗ ବନ୍ଦାପନା ହେବା ପରେ ମୁଳିଆ ସୁଆଁସିଆ ଦେଇଥିବା କାଠ ଭଦ୍ରାସନରେ ବେହେରଣ କରଣମାନଙ୍କ ମାଦଳାପାଞ୍ଜି ରଖାଯାଇ ପତନି ଓ ମାଳଲାଗି ହୋଇ ଶୀତଳ ଭୋଗ ଓ ବନ୍ଦାପନା ହୋଇଥିଲା ଏବଂ ପରେ ୨୨ଟି ନଡ଼ିଆ କରଣମାନଙ୍କ ଦ୍ୱାରା ଭଙ୍ଗା ଯାଇଥିଲା ।

## ଶ୍ରୀମନ୍ଦିରରେ ବାବନ ଜନ୍ମ, ଗରୁଡ଼ ପାର୍ଶ୍ୱପରିବର୍ତ୍ତନ, ସୁନିଆଁ :

ତା ୨୬.୯.୨୩ ରିଖ ମଙ୍ଗଳବାର ସୁନିଆଁ ତଥା ଶ୍ରୀବାବନ ଜନ୍ମ ନିମନ୍ତେ ସକାଳ ଧୂପ ସରିଲା ପରେ ମହାସ୍ନାନ, ସର୍ବାଙ୍ଗ ପରେ ପବିତ୍ରା ଲାଗି ହୋଇଥିଲା ।



ବେଶ ବଢ଼ିଲା ପରେ ମଧ୍ୟାହ୍ନ ଧୂପ ଅନୁଷ୍ଠିତ ହୋଇଥିଲା । ଟେରା ପଡ଼ିବା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ମୁରୁଜରେ ମଣ୍ଡଳ ପଡ଼ିଥିଲା । ମୁଦିରସ୍ତ ଧଣ୍ଡି ପ୍ରସାଦ ଲାଗି କଲା ପରେ ବାବନ (କୃଷ୍ଣ) ମଣ୍ଡଳକୁ ଆସିଥିଲେ । ବଣିଆ ସେବକ ଦେଇଥିବା ସୁନା ବାବନ ପ୍ରତିମାଙ୍କ ନିକଟରେ ବରୁଣ ପୂଜା, ବ୍ରହ୍ମାବରଣ ଶେଷ ହୋଇ ଖଣ୍ଡୁଆ ଘୋଡ଼ାଇ ଜନ୍ମ ବିଧି ହୋଇଥିଲା । ଏହାପରେ କ୍ଷୀର, ସର, ଲହୁଣୀ ଭୋଗ ହୋଇ ସୋମନାଥ (ମାଜଣା) ମଣ୍ଡପ ଖଟକୁ ବିଜେ କରିଥିଲେ । ପରେ ଭଣ୍ଡାରରୁ ପତିମହାପାତ୍ର ରୂପାବଟାରେ ଶ୍ରୀଦୁର୍ଗା ଦେବୀଙ୍କୁ ସୋମନାଥ ମଣ୍ଡପରେ ବିଜେ କରାଇଥିଲେ । ଏଠାରେ ବସୁଧାର ଯଜ୍ଞପବିତ୍ର ପରେ ଶୀତଳ ଭୋଗ, ବନ୍ଦାପନା ହୋଇ ବାହୁଡ଼ା ବିଜେ କରିଥିଲେ । ତତ୍‌ପରଦିନ ଅର୍ଥାତ୍ ତା. ୨୭.୯.୨୩ ରିଖ ବୁଧବାର ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଶ୍ରୀଜଗନ୍ନାଥଙ୍କର 'ବାବନ ବେଶ' ଅନୁଷ୍ଠିତ ହୋଇଥିଲା । ଉକ୍ତ ଦିନ ଶ୍ରୀମନ୍ଦିରରେ ଇନ୍ଦ୍ରଧ୍ୱଜ ପୂଜା ଓ ଗରୁଡ଼ ପାର୍ଶ୍ୱପରିବର୍ତ୍ତନ ନୀତି ଅନୁଷ୍ଠିତ ହୋଇଥିଲା ।

## ଶ୍ରୀମନ୍ଦିରରେ ଇନ୍ଦ୍ରଗୋବିନ୍ଦ ବନ୍ଦାପନା ଓ ଇନ୍ଦ୍ରହାତୀ ପ୍ରସ୍ତାବ:

ତା ୨୯.୯.୨୩ ରିଖ ଶୁକ୍ରବାର ଇନ୍ଦ୍ରୋତ୍ସବ ପୂର୍ଣ୍ଣମୀ ଅବସରରେ ସନ୍ଧ୍ୟା ଆଳତି ପରେ ଶ୍ରୀଦୋଳଗୋବିନ୍ଦ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ପାଲିଙ୍କିକୁ ବିଜେ ହୋଇ ବଡ଼ଛତା ମଠ ନିକଟରେ ବିଜେ କରିଥିଲେ । ସେଠାରେ ଶୀତଳ ଭୋଗ ହେବା ପରେ ଭିତରଛ ମହାପାତ୍ର ଇନ୍ଦ୍ର, ଚନ୍ଦ୍ର, ଗୋବିନ୍ଦଙ୍କୁ ବନ୍ଦାପନା କରିଥିଲେ । ବାସେଳୀ ସାହିରୁ 'ଇନ୍ଦ୍ରହାତୀ' ଆସି ନୀତି ସମାପନ କରିଥିଲେ ।

# ଯାତ୍ରା ଓ ଉତ୍ସବ

ପୂର୍ବ ପ୍ରକାଶିତ ଉତ୍ତାରୁ ....

**୭. ଦୁର୍ଗାପୂଜା :** ଆଶ୍ୱିନ କୃଷ୍ଣ ଅଷ୍ଟମୀ (ମୂଳାଷ୍ଟମୀ) ଠାରୁ ଆଶ୍ୱିନ ଶୁକ୍ଳ ନବମୀ (ମହାନବମୀ) ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଦୁର୍ଗାପୂଜା ହୁଏ । ମୂଳାଷ୍ଟମୀ ଦିନ ସୁଭଦ୍ରାଙ୍କ ଆଜ୍ଞା ନେଇ ଦେବୀ ଦୁର୍ଗାଙ୍କର ଧାତୁ ପ୍ରତିମାର ସହସ୍ର କୁମ୍ଭାଭିଷେକ କରାଯାଏ । ତାପରେ ଦୁର୍ଗାଙ୍କ ମୂର୍ତ୍ତି ଓ ମାଧବଙ୍କ ମୂର୍ତ୍ତିକୁ ଏକତ୍ର ବନ୍ଧାଯାଇ ଷୋଳଦିନ ପର୍ଯ୍ୟନ୍ତ ଉଭୟଙ୍କୁ ଭୋଗ ଓ ବନ୍ଦାପନା କରାଯାଏ । ଏହି ସମୟ ମଧ୍ୟରୁ ପ୍ରଥମ ଆଠଦିନ ବିମଳା ଦେବୀଙ୍କ ମନ୍ଦିରରେ ଓ ପରବର୍ତ୍ତୀ ଆଠଦିନ ଦୋଳମଣ୍ଡପ ସାହି ନାରାୟଣୀ ମନ୍ଦିରରେ ଏହି କର୍ମ କରାଯାଏ । ବିମଳା ଦେବୀଙ୍କଠାରେ ମୁଖ୍ୟ ଶାରଦୀୟା ଷୋଳପୂଜା କର୍ମ କରାଯାଏ । ଶେଷ ତିନିଦିନ ବିମଳାଙ୍କ ପାଇଁ ସ୍ୱତନ୍ତ୍ର ଅନ୍ନଭୋଗ ରନ୍ଧା ହୋଇ ପୂଜା କରାଯାଏ । ସ୍ତ୍ରୀଲୋକମାନେ ଏହି ଦିନ ମାନଙ୍କରେ ବିମଳାଙ୍କୁ ଦର୍ଶନ କରିବା ନିଷେଧ ।



**୮. ଶ୍ରୀରାମ ଜନ୍ମ ଓ ରାମଲୀଳା :** ଚୈତ୍ର ଶୁକ୍ଳ ନବମୀ (ରାମ ନବମୀ) ଦିନ ଶ୍ରୀମନ୍ଦିରରେ ରାମ ଜନ୍ମୋତ୍ସବ ନୀତି ଅନୁଷ୍ଠିତ ହୋଇଥାଏ । ତାପରେ ରାବଣ ବଧ ପର୍ଯ୍ୟନ୍ତ ରାମାୟଣର ବର୍ଣ୍ଣନା ଅନୁସାରେ ଶ୍ରୀରାମଚନ୍ଦ୍ରଙ୍କର ବିଭିନ୍ନ ଲୀଳା ଜଗନ୍ନାଥ ବଲ୍ଲଭ ମଠରେ ପାଳନ କରାଯାଏ । ସେଥିପାଇଁ ଶ୍ରୀମନ୍ଦିରରୁ ରାମ, ଲକ୍ଷ୍ମଣ ଓ ସୀତାଙ୍କ ଧାତୁ ବିଗ୍ରହ ସେଠାକୁ ଯାତ୍ରା କରନ୍ତି । କୃଷ୍ଣଜନ୍ମ ଲୀଳା ପରି ରାମଲୀଳାରେ ମଧ୍ୟ ସହରବାସୀମାନେ ଭାଗ ନିଅନ୍ତି । ଏହି ଦିନମାନଙ୍କରେ ପୁରୀରେ ସାହିଯାତ ଉତ୍ସବ ମଧ୍ୟ ହୁଏ ।

**୯. ହରିଶୟନ, ପାର୍ଶ୍ୱ ପରିବର୍ତ୍ତନ ଓ ଉତ୍ଥାପନ :** ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ବିଷ୍ଣୁ ଶୟନ କରନ୍ତି, ଭାଦ୍ରବ ଶୁକ୍ଳ ଏକାଦଶୀ ଦିନ ପାର୍ଶ୍ୱ ପରିବର୍ତ୍ତନ କରନ୍ତି ଓ କାର୍ତ୍ତିକ ଶୁକ୍ଳ ଏକାଦଶୀ ଦିନ ଶୟନ ତ୍ୟାଗ କରି ଉଠନ୍ତି । ଏହି ଦିନମାନଙ୍କରେ ମହାପ୍ରଭୁଙ୍କର ମଧ୍ୟ ଅନୁରୂପ ନୀତି ହୁଏ ।

**୧୦. ଦକ୍ଷିଣାୟନ ଓ ଉତ୍ତରାୟଣ :** କର୍କଟ ସଂକ୍ରାନ୍ତି ଦିନ ଦକ୍ଷିଣାୟନ ଓ ମକର ସଂକ୍ରାନ୍ତି ଦିନ ଉତ୍ତରାୟଣ ଉପଲକ୍ଷେ ମହାପ୍ରଭୁଙ୍କର ବିଶେଷ ପୂଜା ଓ ବନ୍ଦାପନା ହୁଏ । ପୂର୍ବଦିନ ଚାଉଳ ଅଧିବାସ କରାଯାଇ ମକର ସଂକ୍ରାନ୍ତି ଦିନ ସେହି ଚାଉଳରେ ପ୍ରସ୍ତୁତ ମକରଚାଉଳ ଭୋଗ କରାଯାଏ ।

ଏହା ବ୍ୟତୀତ ମାର୍ଗଶୀର ଶୁକ୍ଳଷଷ୍ଠୀ ଦିନ ମହାପ୍ରଭୁ ଲୌକିକ ରୀତିରେ ଶୀତରୁ ରକ୍ଷା ପାଇବାକୁ ଘୋଡ଼ଲାଗି ହୁଅନ୍ତି । ତାହା ବସନ୍ତପଞ୍ଚମୀ ପର୍ଯ୍ୟନ୍ତ ରହେ । ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀ ଦିନ ମଦନମୋହନ ଗୋପନ ଭାବରେ ଜଗନ୍ନାଥ ବଲ୍ଲଭରେ ଦୟଣାପତ୍ର ତୋଳିଥାନ୍ତି ଓ ତାହା ଜଗନ୍ନାଥ ଲାଗି ହୁଅନ୍ତି । ଏହାକୁ ଦମନକ ଉତ୍ସବ କୁହାଯାଏ । ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ଦିନ ଶ୍ରୀଜଗନ୍ନାଥରୂପୀ ମଦନମୋହନ ଓ ଲକ୍ଷ୍ମୀରୂପିଣୀ ରୁକ୍ମିଣୀଙ୍କର ବିବାହ ଉତ୍ସବ ଅନୁଷ୍ଠିତ ହୁଏ । ପୌଷ ପୂର୍ଣ୍ଣିମାଦିନ ମହାପ୍ରଭୁଙ୍କର ଅଭିଷେକ ଓ ରାଜନୀତି ହୁଏ । ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ରାତ୍ରିରେ ଶ୍ରୀମନ୍ଦିରରେ ନୃସିଂହ ଜନ୍ମୋତ୍ସବ ନୀତି ପାଳିତ ହୋଇଥାଏ । ଜ୍ୟେଷ୍ଠ ଶୁକ୍ଳ ଷଷ୍ଠୀ (ଶୀତଳ ଷଷ୍ଠୀ) ଦିନ ଶିବ ବିବାହ ହୁଏ । ସହରର ବିଭିନ୍ନ ସ୍ଥାନରେ ଶିବ ଓ ପାର୍ବତୀଙ୍କ ବିବାହ ଉତ୍ସବ ପରେ ବରକନ୍ୟା ଶ୍ରୀମନ୍ଦିରକୁ ଆସନ୍ତି ଓ ଲକ୍ଷ୍ମୀ ସେମାନଙ୍କୁ ବନ୍ଦାପନା କରନ୍ତି । ଶ୍ରାବଣ ଶୁକ୍ଳ ପୂର୍ଣ୍ଣିମା (ଗହ୍ମାପୂର୍ଣ୍ଣିମା) ଦିନ ମାର୍କଣ୍ଡେୟ ପୁଷ୍କରିଣୀରେ ବଳଭଦ୍ରଙ୍କ ଜନ୍ମୋତ୍ସବ ପାଳିତ ହୁଏ । ମାର୍ଗଶୀର କୃଷ୍ଣ ଚତୁର୍ଦ୍ଦଶୀ ଠାରୁ ପ୍ରତିପଦା ପର୍ଯ୍ୟନ୍ତ ମହାପ୍ରଭୁ ଜଗନ୍ନାଥବଲ୍ଲଭରେ ନନ୍ଦ, ବସୁଦେବ, ଦଶରଥ ପ୍ରଭୃତିଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଓ ଦୀପଦାନ କରନ୍ତି । ବସନ୍ତ ପଞ୍ଚମୀ ଏବଂ ଫାଲଗୁନ ମାସରେ ମହାପ୍ରଭୁ ଜଗନ୍ନାଥବଲ୍ଲଭକୁ ଯାଇ ବେଣ୍ଟ ବା ଶିକାର କରନ୍ତି । ଫାଲଗୁନ୍ ଶୁକ୍ଳ ଦଶମୀଠାରୁ ଚାରିଦିନ ପର୍ଯ୍ୟନ୍ତ ମହାପ୍ରଭୁଙ୍କର ଛେରୀ ଭୋଗ ଓ ବେଶ ହୁଏ । ବୈଶାଖ ଶୁକ୍ଳ ଅଷ୍ଟମୀ ଦିନ ଶ୍ରୀଜଗନ୍ନାଥଙ୍କ ଦାରୁ ପ୍ରତିମା ଶ୍ରୀମନ୍ଦିରରେ ପ୍ରତିଷ୍ଠିତ ହୋଇଥିବାରୁ ସେହି ଦିନ ମହାପ୍ରଭୁଙ୍କର ଅଭିଷେକ ହୁଏ । ତାହା ନୀଳାଦ୍ରି ମହୋଦୟ ଉତ୍ସବ ନାମରେ ପରିଚିତ । ଶ୍ରାବଣ ଅମାବାସ୍ୟା ଦିନ ମହାପ୍ରଭୁଙ୍କୁ ସୁନା ଚିତା ଓ ଭାଦ୍ରବ କୃଷ୍ଣ ପଞ୍ଚମୀ ଦିନ ରାହୁ ରେଖା ଲାଗି କରାଯାଇଥାଏ । ଭାଦ୍ରବ ଅମାବାସ୍ୟା ଦିନ ସାତପୁରୀ ଟାଟ ଭୋଗ ହୁଏ । ଭାଦ୍ରବ ଶୁକ୍ଳ ଅଷ୍ଟମୀ ଦିନ ରାଧାଙ୍କର ଜନ୍ମୋତ୍ସବ ହୁଏ । ଭାଦ୍ରବ ଶୁକ୍ଳ ଏକାଦଶୀ ବା ଦ୍ୱାଦଶୀ ଦିନ ବାମନଙ୍କର ଜନ୍ମୋତ୍ସବ ପାଳିତ ହୁଏ । ଭାଦ୍ରବ ଚତୁର୍ଦ୍ଦଶୀ ଦିନ ଅନନ୍ତ ବ୍ରତ ପାଳନ କରାଯାଏ । ଆଶ୍ୱିନ ପୂର୍ଣ୍ଣିମା ଦିନ ଲକ୍ଷ୍ମୀ ଓ ଜଗନ୍ନାଥ ପଶା ଖେଳନ୍ତି । ତହିଁରେ ଜଗନ୍ନାଥ ହାରି ସାତଦିନ ବନ୍ଧା ପଡ଼ନ୍ତି । ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ କାର୍ତ୍ତିକ ବ୍ରତ ହୁଏ । ଏହି ଦିନମାନଙ୍କରେ ବାଳଧୂପ, ରାଧା ଦାମୋଦର ବେଶ ପ୍ରଭୃତି ହୁଏ । ଏହିପରି ଆଉ ଅନେକ ଉତ୍ସବ ବର୍ଷସାରା ହୁଏ ।

ଏହା ବ୍ୟତୀତ ଶ୍ରୀମନ୍ଦିରର ବିଭିନ୍ନ ପାର୍ଶ୍ୱ ଦେବଦେବୀଙ୍କର ମଧ୍ୟ ବିଶିଷ୍ଟ ପର୍ବ ଓ ଉତ୍ସବ ନିର୍ଦ୍ଦିଷ୍ଟ ଦିନମାନଙ୍କରେ ପାଳନ କରାଯାଏ ।

**ନବକଳେବର :** ଯେଉଁ ବର୍ଷ ଚନ୍ଦ୍ରମାନ ଗଣନା ଅନୁସାରେ ଦୁଇଗୋଟି ଆଷାଢ଼ ମାସ ହୁଏ, ସେହି ବର୍ଷ ଅଣସର ସମୟ ୧୫ ରୁ ୪୫ ଦିନକୁ ବୃଦ୍ଧି ପାଏ ଓ ଏହି ସମୟ ମଧ୍ୟରେ ବ୍ୟାପକ ଆୟୋଜନ ଓ ଆଡ଼ମ୍ବର ସହକାରେ ଚତୁର୍ଦ୍ଧାମୂର୍ତ୍ତି ଦାରୁବିଗ୍ରହମାନଙ୍କ ପାଇଁ ନୂତନ ନିୟଦାରୁ ସଂଗ୍ରହ କରାଯାଇ ତାହାକୁ ଶ୍ରୀମନ୍ଦିର କୋଇଲିବୈକୁଣ୍ଠକୁ ଅଣାଯାଏ । ଏହା ପରେ ଗୋପନ ଭାବରେ ତହିଁରେ ମୂର୍ତ୍ତି ନିର୍ମାଣ କରା ହୋଇ, ସେଗୁଡ଼ିକୁ ସୁଗଠିତ ଓ ଚିତ୍ରିତ କରାଯାଇ ପ୍ରତିଷ୍ଠା କରାଯାଏ । ପୁରାତନ ବିଗ୍ରହଗୁଡ଼ିକୁ ବିସର୍ଜନ କରାଯାଏ ।


(କ୍ରମଶଃ)



ତା. ୨୦.୯.୨୩ରେ ଋଷି ପଞ୍ଚମୀ ନୀତି ପାଇଁ ମହାଲକ୍ଷ୍ମୀ ମାର୍କଣ୍ଡେୟ ଆଶ୍ରମକୁ ବିଜେ କରୁଅଛନ୍ତି

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି'ରେ ମୁକ୍ତ ହସ୍ତରେ ଦାନ କରନ୍ତୁ । ଶ୍ରୀମନ୍ଦିର ପ୍ରଶାସନ, ପୁରୀ

# ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳା...













# ଫଟୋରେ ଖବର...



ତା ୩୧.୮.୨୩ ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଉ.ପ୍ରଦେଶ ଗାଜିଆବାଦର ଶ୍ରୀମତୀ ସୁଷମା ଶର୍ମା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସଙ୍କୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଗୋଟିଏ ପଥର ଖଚିତ ସୁନାହାର, ଦୁଇଟି କାନ ପେଣ୍ଡି, ଗୋଟିଏ ମୁଦି, ଗୋଟିଏ ଲକେଟ ଏବଂ ଦୁଇଟି କାନ ଟପ୍ ପ୍ରଦାନ କରୁଅଛନ୍ତି



ତା ୩.୯.୨୩ ରେ ନୀଳାଦ୍ରି ଭକ୍ତନିବାସ ଠାରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଆୟୋଜିତ ନିଃଶୁଳ୍କ 'ହୃଦ, ରକ୍ତଚାପ ଏବଂ ମଧୁମେହ ପରୀକ୍ଷା ଏବଂ ପରାମର୍ଶ' ଶିବିର



ତା ୧୪.୯.୨୩ ରେ ସପ୍ତପୁରୀ ଅମାବାସ୍ୟା ପରିପ୍ରେକ୍ଷୀରେ ଅଠରନଳାସ୍ଥିତ ମା' ଅଲାମଚଣ୍ଡୀ ମନ୍ଦିରରୁ ପାରମ୍ପରିକ ଭାବେ ଶ୍ରୀମନ୍ଦିରକୁ 'ସାତପୁରୀ ତାଡ଼' ବିଜେ କରାଯାଉଅଛି



ତା ୧୬.୯.୨୩ ରେ ଭାରତର ପୂର୍ବତନ ରାଷ୍ଟ୍ରପତି ଶ୍ରୀଯୁକ୍ତ ରାମନାଥ କୋବିନ୍ଦ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଅଛନ୍ତି



ତା ୨୨.୯.୨୩ ରେ ଓଡ଼ିଶା ବିଧାନସଭାର ନୂତନ ବାଚ୍‌ସ୍ପତି ଶ୍ରୀମତୀ ପ୍ରମିଳା ମଲ୍ଲିକ ଶ୍ରୀମନ୍ଦିର ଲୋ.ସଂ. ଅଧିକାରୀ ଶ୍ରୀ ଜିତେନ୍ଦ୍ର ନାରାୟଣ ମହାନ୍ତିଙ୍କ ଗହଣରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଅଛନ୍ତି



ତା ୨୬.୯.୨୩ ରେ ସୁନିଆଁ ପରିପ୍ରେକ୍ଷୀରେ ଶ୍ରୀନଅରରେ ଗଜପତି ମହାରାଜା ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବଙ୍କ ଅଭିଷେକ

*ପୁସ୍ତକ-ଯୁଗେ ଯୁଗେ ରଥଯାତ୍ରା ...*

## (୧୪) ୧୮୭୮ ମସିହା ପୁରୀ ରଥଯାତ୍ରା
### (ଭାଗ-୧୩-ସଂଖ୍ୟା ୨୮ - ତା ୧୩ ରିଖ, ଜୁଲାଇ)

ଯଦ୍ୟପି କି ପୁରୀରାଜାଙ୍କ ଯାବଜ୍ଜୀବନ ଦ୍ୱୀପାନ୍ତର ଦଣ୍ଡ ହେତୁରୁ ଶ୍ରୀଜଗନ୍ନାଥଙ୍କ ନୀତି ଓ ପର୍ବାଦିର କିଛି ବ୍ୟାଘାତ ହୋଇନାହିଁ ବରଂ ସର୍ବସାଧାରଣ ଏକବାକ୍ୟ ହୋଇ କହୁଅଛନ୍ତି କି ରାଜାଙ୍କର ମାତା ସ୍ୱୟଂ ମନ୍ଦିରର ସମସ୍ତ ବିଷୟର ତତ୍ତ୍ୱାବଧାରଣ କରିବାରୁ ପୂର୍ବାପେକ୍ଷା ନୀତି ଭଲ ହେଉଅଛି ଓ ମନ୍ଦିରର ସମସ୍ତ କର୍ମ ଯଥା ସମୟ ଓ ନିୟମିତ ପ୍ରଥାରେ ଚଳୁଅଛି । ତଥାଚ ଅନୁମାନ ହୁଅଇ ଯେ ରାଜାଙ୍କ ଉପରେ ବିପଦ ପଡ଼ିବାରୁ ଲୋକ ଉତ୍ସାହବିହୀନ ହୋଇଅଛନ୍ତି । ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ ଆଦୌ ରୀତିମତ ରଥନିର୍ମାଣ କରିବାର ଉଦ୍ୟମ ନଥିଲା । ଅନେକ ବିଳମ୍ବରେ ଏବଂ ସ୍ଥାନୀୟ ହାକିମ ଓ ଭଦ୍ରଲୋକଙ୍କ ବିଶେଷ ଯତ୍ନରେ ରଥମାନ ପ୍ରସ୍ତୁତ ହେଲା । ଯାତ୍ରୀସଂଖ୍ୟା ଅନ୍ୟାନ୍ୟ ବର୍ଷରେ ଯେତେ ହେଉଥିଲା ତହିଁର ତୃତୀୟାଂଶ ମଧ୍ୟ ଏଥର ହୋଇନାହିଁ । ସ୍ୱଦେଶୀ ଓ ବିଦେଶୀ ମିଶି କୋଡ଼ିଏ ହଜାର ହେବେ କି ନାହିଁ ସନ୍ଦେହ । ରଥଯାତ୍ରାରେ ଏତେ ଉଣା ଯାତ୍ରୀ ପୂର୍ବେ କେବେ ଦେଖା ଯାଇ ଥିଲାକି ନା ମନେ ପଡୁନାହିଁ । ଅବଶ୍ୟ ଆଜିକାଲି ଯେପରି କାଳ ପଡ଼ିଅଛି ଏଥିରେ ଅନେକ ଲୋକ ଅଧିକ ବ୍ୟୟ ପଡ଼ିବା ଭୟରେ ଘରୁ ବାହାରିବାକୁ ସାହସ କରି ନଥିବେ । କିନ୍ତୁ ଏହା ମଧ୍ୟ ପ୍ରସିଦ୍ଧ ଯେ ରଥଯାତ୍ରା ସମୟରେ ବଙ୍ଗଦେଶୀୟ ଯାତ୍ରୀ ଅଧିକ ହୁଅନ୍ତି ଓ ଏ ପ୍ରଦେଶରେ କୌଣସିଠାରେ ବିଶେଷ ଅନ୍ନକଷ୍ଟ ହୋଇନାହିଁ କିମ୍ବା ଓଡ଼ିଶାରେ ଦୁର୍ଭିକ୍ଷ ପଡ଼ିବାର ରଟନା ହୋଇନାହିଁ । ଖାଦ୍ୟ ସାମଗ୍ରିର ଭାଉ ଯେମନ୍ତ ଭାରତବର୍ଷର ପ୍ରାୟ ସର୍ବତ୍ରରେ ଉଚ୍ଚ ହୋଇଅଛି ସେହିପରି ଏଠାରେ ସୁତରାଂ ଏଥିଲାଗି ଯାତ୍ରୀ ସଂଖ୍ୟା ଏତାଦୃଶ ଉଣା ହେବାର ବୋଲାଯାଇ ନପାରେ । ମାତ୍ର ଦୁର୍ମୂଲ୍ୟ ସଙ୍ଗେ ରାଜାଙ୍କର ଦୁର୍ଦ୍ଦଶାକୁ ଯୋଗକଲେ ଯାତ୍ରୀ ଉଣା ହେବାର କାରଣ ସୁନ୍ଦର ରୂପେ ଜଣା ଯାଉଅଛି । ବାସ୍ତବରେ କେତେ ଲୋକଙ୍କର ଭାବ ଏହି ଯେ ଶ୍ରୀଜଗନ୍ନାଥ ବର୍ତ୍ତମାନ ଶ୍ରୀକ୍ଷେତ୍ରରେ ନାହାନ୍ତି ରାଜାଙ୍କ ସଙ୍ଗେ ଯାଇଅଛନ୍ତି ଓ କେତେ ବିଦେଶୀୟ ଲୋକ ଏମନ୍ତ



କହିବାର ଶୁଣା ଯାଇଅଛି ଯେ ରାଜା ନାହାନ୍ତି । କେବଳ ଠାକୁର ଦର୍ଶନରେ ସମ୍ପୂର୍ଣ୍ଣ ଫଳ ହେବନାହିଁ । ରାଜା ଯେବେ କଏଦ ହୋଇଗଲେ ଆଉ ଠାକୁରଙ୍କ ଯାତ୍ରା କିଏ କରିବ ଏମନ୍ତ ଭାଳି କେତେ ଲୋକ ଆସି ନଥିବେ ଓ ମଧ୍ୟ କେତେ ହୁଣ୍ଡାଲୋକ ଏପରି ସୁଦ୍ଧା କହିବାର ଶୁଣିଅଛୁଁ ଯେ ଠାକୁରତ ଆପଣା ରାଜାଙ୍କୁ ରକ୍ଷା କଲେନାହିଁ । ତାଙ୍କୁ ଦର୍ଶନ କରି କି ହେବ ଫଳତଃ ରାଜାଙ୍କ ଦଣ୍ଡ ଲଭିବା ସଙ୍ଗେ ରଥଯାତ୍ରା ଯାତ୍ରୀ ଉଣା ହେବାର ବିଶେଷ ସମ୍ପର୍କ ଅଛି ।

ଯାହା ହେଉ ରଥଯାତ୍ରାର କାର୍ଯ୍ୟମାନ ଏବର୍ଷ ନିର୍ବିଘ୍ନରେ ଏବଂ ଯଥା ସମୟରେ ସମ୍ପନ୍ନ ହେବାର ଶୁଣି ଆମ୍ଭେମାନେ ବଡ଼ୁ ଆନନ୍ଦିତ ହୋଇଅଛୁଁ ଏବଂ ଏଥି ସକାଶେ ସେଠାର ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଆର୍ମଷ୍ଟ୍ରଙ୍ଗ ସାହେବ ବିଶେଷରେ ପ୍ରଶଂସାଭାଜନ ହୋଇଅଛନ୍ତି କାରଣ ସେ ସ୍ୱୟଂ ରଥ ପାଖରେ ଉପସ୍ଥିତ ହୋଇ ଏବଂ ଆପଣା ଡେପୁଟୀ କଲେକ୍ଟର ଓ ଅନ୍ୟ କର୍ମଚାରୀଙ୍କୁ ନିଯୁକ୍ତ କରାଇ ଏମନ୍ତ ବନ୍ଦୋବସ୍ତ କଲେ ଯେ ବେଳ ଦୁଇପ୍ରହର ସମୟରେ ଠାକୁରମାନେ ରଥରେ ଆସୀନ ହେଲେ ଏବଂ ସେହିଦିନ ରଥ ଟଣା ହୋଇ ଦୁଇଦିନ ମଧ୍ୟରେ ସମସ୍ତ ରଥ ଗୁଣ୍ଡିଚା ମନ୍ଦିରରେ ପହୁଞ୍ଚିଗଲା । କୌଣସି କାର୍ଯ୍ୟର ବିଶୃଙ୍ଖଳା ହୋଇନାହିଁ କିମ୍ବା କୌଣସି ଦୁର୍ଘଟନା ଘଟିନାହିଁ । ଏହା ବୋଲି ଓଲାଉଠା ରୋଗ ଅନ୍ୟାନ୍ୟ ବର୍ଷ ପରି ଆପଣା ବିକ୍ରମ ଦେଖାଇବାକୁ ତ୍ରୁଟି କରି ନଥିଲା । ଏ ରୋଗରେ ଅନେକ ଯାତ୍ରୀ ନାଶ ହୋଇଅଛନ୍ତି ଓ ନଗରବାସୀମାନେ ଏକା ବେଳକେ ନିସ୍ତାର ପାଇନାହାନ୍ତି ତେବେ ଏହାଙ୍କ ପ୍ରତି କୋପ କିଛି ଉଣା ଥିଲା ।



## ପୁସ୍ତକ-ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପଦ୍ଧତି

*ପୂର୍ବ ପ୍ରକାଶିତ ଉତ୍ତାରୁ ....*

### ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପୂଜାବିଧି :

ଓଁ ଶ୍ରୀଗଣେଶାୟ ନମଃ

### ଅବିଘ୍ନମସ୍ତୁ

''ମଙ୍ଗଳାଚରଣମ୍'

ନୀଳାଚଳନିବାସାୟ ନିତ୍ୟାୟ ପରମାତ୍ମନେ ।
ବଳଭଦ୍ରସୁଭଦ୍ରାଭ୍ୟାଂ ଜଗନ୍ନାଥାୟ ତେ ନମଃ ॥

ମତାନ୍ତରେ ଚନ୍ଦନ ଧାରଣମ୍ :

ଲଲାଟେ କେଶବଂ ବିଦ୍ୟାନ୍ନାରାୟଣମଥୋଦରେ ।
ମାଧବଂ ହୃଦୟେ ନ୍ୟସ୍ୟ ଗୋବିନ୍ଦଂ କଣ୍ଠକୂର୍ପରେ ॥
ବିଷ୍ଣୁଂ ଚ ଦକ୍ଷିଣକୁକ୍ଷୌ ତଦ୍‌ଭୂଜେ ମଧୁସୂଦନଃ ।
ତ୍ରିବିକ୍ରମଂ କର୍ଣ୍ଣମୂଳେ ବାମକୁକ୍ଷୌ ତୁ ବାମନମ୍ ॥
ଶ୍ରୀଧରଂ ଚ ହୃଷୀକେଶଂ ବାମୟୋର୍ବାହୁକର୍ଣ୍ଣୟୋଃ ।
ପଦ୍ମନାଭଂ ପୃଷ୍ଠଦେଶେ କକୁଦ୍ ଦାମୋଦରଂ ନ୍ୟସେତ୍॥
ମୂର୍ଦ୍ଧ୍ନି ମୂଳେନ ମନ୍ତ୍ରେଣ ଶେଷୌର୍ଦ୍ଧ୍ୱାଦଶ ନାମଭିଃ ।
ସଂକର୍ଷଣାଦିଭିଃ କୃଷ୍ଣେ ଶୁକ୍ଳେ ଚେତ୍ କେଶବାଦିଭିଃ ॥
(ବ୍ରହ୍ମାଣ୍ଡ ପୁରାଣ)

ତତଃ ପୁଣ୍ଡରୀକାକ୍ଷଂ ସ୍ମୃତ୍ୱା ତୁଳସୀଦଳବାରିଭିଃ ଶିରସି ତ୍ରିବାରଂ ମାର୍ଜନଂ କୃତ୍ୱା ଶିରସି ତୁଳସୀଂ ଧାରୟେତ୍ । ତତଃ- ଓଁ ବିଷ୍ଣୁଃ ଇତ୍ୟନେନ ଦ୍ୱିରାଚମନକରଣାନନ୍ତରଂ ପୃଥିବୀଂ ପୂଜୟେତ୍ ।

ପୃଥିବୀପୂଜା : ଓଁ ଆଧାରଶକ୍ତୟେ ନମଃ, ଓଁ ମଣ୍ଡୁକାୟ ନମଃ, ଓଁ କାଳାଗ୍ନି ରୁଦ୍ରାୟ ନମଃ, ଓଁ କୂର୍ମାୟ ନମଃ, ଓଁ ଅନ୍ତରାୟ ନମଃ, ଓଁ ମହାବରାହାୟ ନମଃ, ଓଁ ପୃଥିବ୍ୟୈ ନମଃ, ଓଁ କମଳାସନାୟ ନମଃ, (ଇତି ଗନ୍ଧପୁଷ୍ପାଭ୍ୟାଂ ସଂପୂଜ୍ୟ ଅର୍ଘ୍ୟଂ ଦଦ୍ୟାତ୍ ନିମ୍ନ ମନ୍ତ୍ରେଣ) ।

ଓଁ ବସୁଧେ ହେମଗର୍ଭାସି ଶେଷସ୍ୟୋପରିଶାୟିନି ।
ପୂଜାର୍ଥଂ ଦେହି ମେ ସ୍ଥାନଂ ଗୃହାଣାର୍ଘ୍ୟଂ ଧରିତ୍ରି ମେ ॥

ଆସନଶୁଦ୍ଧିଃ : ଓଁ ଆସନ ମନ୍ତ୍ରସ୍ୟ ମେରୁପୃଷ୍ଠ ଋଷିଃ, ସୁତଳଂ ଛନ୍ଦଃ, ଶ୍ରୀକୂର୍ମୋ ଦେବତା, ଆସନଗ୍ରହଣେ ବିନିଯୋଗଃ । 'ଓଁ ଆତ୍ମାସନେ କମଳାୟ ନମଃ' ଇତ୍ୟନେନ ଗନ୍ଧପୁଷ୍ପାଭ୍ୟାଂ ସଂପୂଜ୍ୟ ପୃଥିବୀଂ ପ୍ରାର୍ଥୟେତ୍-

ଓଁ ପୃଥ୍ୱି ତ୍ୱୟା ଧୃତାଲୋକା ଦେବି ତ୍ୱଂ ବିଷ୍ଣୁନା ଧୃତା
ତ୍ୱଂ ଚ ଧାରୟ ମାଂ ନିତ୍ୟଂ ପବିତ୍ରମାସନଂ କୁରୁ ॥

ବିଘ୍ନୋତ୍ସାରଣମ୍ : ପୂଜକଃ ପୁଷ୍ପାକ୍ଷତୈଃ ନାରାଚମୁଦ୍ରୟାଂ ଈଶାନାଦି ସର୍ବଦିକ୍ଷୁ ପ୍ରକ୍ଷିପୟେତ୍ ।

ମନ୍ତ୍ରୋଯଥା :

ଓଁ ଉତ୍ତିଷ୍ଠନ୍ତୁ ଭୂତଗଣାଃ ସର୍ବେଽପି ଭୂମିପାଳକାଃ ।
ଭୂତାନାମବିରୋଧେନ ପୂଜାକର୍ମ ସମାରଭେ ॥
ଅପସର୍ପନ୍ତୁ ତେ ଭୂତା ଯେ ଭୂତା ଭୂମିସଂସ୍ଥିତାଃ ।
ଯେ ଭୂତା ବିଘ୍ନକର୍ତ୍ତାରସ୍ତେ ନଶ୍ୟନ୍ତୁ ଶିବାଜ୍ଞୟା ॥

(କ୍ରମଶଃ...)

ପୂର୍ବ ପ୍ରକାଶିତ ଉତ୍ତାରୁ ....

# ଶ୍ରୀମନ୍ଦିରରେ ବିଜେ ପ୍ରତିମା

## (୪) ଶ୍ରୀଦୋଳଗୋବିନ୍ଦ

**କାର୍ତ୍ତିକ ପୂର୍ଣ୍ଣିମା (ଶରତକାଳୀନ ରାହାସର ଶେଷ ଦିନ) :** କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ଶ୍ରୀମନ୍ଦିରରେ ଶ୍ରୀଦୋଳଗୋବିନ୍ଦାଭିଷେକ ନୀତି ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଥାଏ । ଏହିଦିନ ଶ୍ରୀଦୋଳଗୋବିନ୍ଦାଭିଷେକ ନିମନ୍ତେ ସନ୍ଧ୍ୟାଧୂପ ବଢ଼ିଲେ ଦକ୍ଷିଣି ଘରୁ ଶ୍ରୀଦୋଳଗୋବିନ୍ଦ ରତ୍ନସିଂହାସନକୁ ବିଜେ କରନ୍ତି । ପୂଜାପଣ୍ଡା ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପ୍ରଦନା କରିବା ପରେ ମହାଜନ ସେବକମାନେ ହାତରେ ଠାକୁରଙ୍କୁ ବିଜେ କରାଇ ଆଣି ଜଗମୋହନରେ ପଡ଼ିଥିବା ଖଟ ଉପରେ ବିଜେ କରାନ୍ତି । ଏଠାରେ ଠାକୁରଙ୍କୁ ପଞ୍ଚାମୃତରେ ସ୍ନାନ କରାଇବାପରେ ଅଭିଷେକ କରାଯାଏ । ପୂଜାପଣ୍ଡା ପଞ୍ଚୋପଚାର ବିଧିରେ ମଣୋହି କରାଇବା ପରେ ବନ୍ଦାପନା କରାଯାଏ । ବନ୍ଦାପନା ପରେ ମହାଜନ ସେବକଙ୍କ ହାତରେ ଶ୍ରୀଦୋଳଗୋବିନ୍ଦ ଦକ୍ଷିଣି ଘରକୁ ବାହୁଡ଼ା ବିଜେ କରନ୍ତି । ଏହି ଲୀଳା ରାସ ଲୀଳାର ଅନ୍ତିମ ପର୍ଯ୍ୟାୟ ।



**ବସନ୍ତ ପଞ୍ଚମୀ :** ମାଘ ଶୁକ୍ଳ ପଞ୍ଚମୀକୁ ବସନ୍ତପଞ୍ଚମୀ କୁହାଯାଏ । ଏହିଦିନ ବିଦ୍ୟାଦାତ୍ରୀ ଦେବୀ ସରସ୍ୱତୀଙ୍କର ପୂଜା ସର୍ବତ୍ର ମହାଆଡ଼ମ୍ବର ସହକାରେ ପାଳିତ ହୋଇଥାଏ । ଏହିଦିନ ଶ୍ରୀମନ୍ଦିରରେ ଅନେକ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥାଏ । ଏହିଦିନ ଠାକୁରମାନଙ୍କର ଘୋଡ଼ ଉଲାଗି ହେବା ସହ ଚନ୍ଦନ ଓ ଫଗୁଲାଗି, ଚାଚେରୀ ବେଶ, ଭୋଗ, ବନ୍ଦାପନା, ବେଣ୍ଟବିନ୍ଧା ନୀତି ଓ ରଥକାଠ ଅନୁକୂଳ ପ୍ରଭୃତି ନୀତିମାନ ଅନୁଷ୍ଠିତ ହୋଇଥାଏ । ଏହିଦିନ ମଧ୍ୟାହ୍ନ ଧୂପ ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଶ୍ରୀଅଙ୍ଗରେ ଚନ୍ଦନ ଲାଗି କରନ୍ତି । ଏହାପରେ ଶ୍ରୀଦେବୀ, ଭୂଦେବୀ ଖଟଶେଯ ମେକାପ ପକାଇଥିବା ଖଟ ଉପରେ ବିଜେ କରନ୍ତି ଓ ଦକ୍ଷିଣି ଘରୁ ଶ୍ରୀଦୋଳଗୋବିନ୍ଦ ଆସି ସେଠାରେ ବିଜେ କରନ୍ତି । ଛେଚ୍ଛେରି ଭୋଗ ଭିତରକୁ ଆସିବା ପରେ ଶ୍ରୀଦେବୀ, ଭୂଦେବୀ ଓ ଶ୍ରୀଦୋଳଗୋବିନ୍ଦ ଭିତର ସିଂହାସନକୁ ବିଜେ କରନ୍ତି । ଭୋଗ ସରି ପାଣି ପଡ଼ି ଧୋ-ପଖାଳ ହେବାପରେ ଘଟୁଆରୀ ଘର ଠାରୁ ତିନିଗୋଟି ରୂପା ପିଙ୍ଗଣରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଚନ୍ଦନ ଫଗୁ ଆଣି ତିନି ବାଡ଼ରେ ଲାଗି କରନ୍ତି । ଏହାପରେ ବନ୍ଦାପନା କରାଯାଏ । ପୂଜାପଣ୍ଡା ଶ୍ରୀଅଙ୍ଗରୁ ଆଜ୍ଞାମାଳ ଦେବା ପରେ ମହାଜନ ସେବକମାନେ ତିନି ଠାକୁର ଠାକୁରାଣୀଙ୍କୁ ହାତରେ ଆଣି ଜୟବିଜୟ ଦ୍ୱାର ନଣ୍ଡାବର୍ତ୍ତକୁ ଆସନ୍ତି ଓ ସେଠାରେ ମୁଦିରସ୍ତ ଫଗୁଡ଼ାବ ତିନି ଦିଅଁଙ୍କ ପ୍ରଭାକୁ ପକାଇବା ପରେ ବଟମୂଳରେ ଥିବା ବିମାନକୁ ବିଜେ କରାନ୍ତି । ଏହାପରେ ଠାକୁରମାନେ ଶ୍ରୀଜଗନ୍ନାଥବଲ୍ଲଭ ମଠକୁ ବିଜେ କରନ୍ତି । ଦୁଇ ଠାକୁରାଣୀ ଜଗତି ଉପରେ ଓ ଶ୍ରୀଦୋଳଗୋବିନ୍ଦ ଚଉଦୋଳରେ ବିଜେ କରିଥିଲା ବେଳେ ଜଉଡାବରେ ଫଗୁଖେଳ ହୋଇଥାଏ । ପରେ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ ଓ ଭୂଦେବୀଙ୍କ ନିକଟରେ ଜଗତିରେ ବିଜେ କରନ୍ତି । ଏଠାରେ ପାଣିପଡ଼ି ଶୀତଳ ଭୋଗ, ପ୍ରସାଦ, ଛମର ଓ ଆଲଟ ଲାଗି ଅନୁଷ୍ଠିତ ହୁଏ । ଏହାପରେ ବେଣ୍ଟବିନ୍ଧା ନିମନ୍ତେ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ ଓ ଭୂଦେବୀ ବେଣ୍ଟ ପୋଖରୀ ନିକଟକୁ ବିଜେ କରାନ୍ତି । ସେଠାରେ ତୀର, କମାଣ ଭିତରଚ୍ଛୁ ଶ୍ରୀଅଙ୍ଗରେ ସ୍ପର୍ଶ କରାଇ ଲେଙ୍କା ସେବକଙ୍କୁ ଦିଅନ୍ତି ଓ ଲେଙ୍କା ସେବକ ପଇଡକୁ ବେଣ୍ଟ ବିନ୍ଧନ୍ତି । ଏସବୁ କାମ ସାରି ଦିଅଁମାନେ ଶ୍ରୀମନ୍ଦିରକୁ ଫେରି ଆସି ବଟମୂଳେ ରହିଲେ ପାଣିଲାଗି ବଢ଼ି ରୁନ୍ଧା ଫିଟେ । ଏହାପରେ ପ୍ରଥମ ଛେଚେରି ନିମନ୍ତେ ଠାକୁର ଠାକୁରାଣୀ ମହାଜନଙ୍କ ହାତରେ ବିଜେ ହୋଇ ଯାଇ ଜୟବିଜୟ ଦ୍ୱାରଠାରେ ରହନ୍ତି । ସେଠାରେ ପ୍ରସାଦ ଲାଗି ଓ ବନ୍ଦାପନା ବଢ଼ିଲେ ଶ୍ରୀଦୋଳଗୋବିନ୍ଦ ଦକ୍ଷିଣି ଘରକୁ ଏବଂ ଶ୍ରୀଦେବୀ ଓ ଭୂଦେବୀ ଭିତର ସିଂହାସନକୁ ବିଜେ କରନ୍ତି । ଏହି ଉତ୍ସବ ବସନ୍ତ ଗୁଣ୍ଡିଚା ନାମରେ ଆଖ୍ୟାତ । ଏହି ଉତ୍ସବକୁ ଯେଉଁମାନେ ସ୍ୱଚକ୍ଷୁରେ ଦର୍ଶନ କରନ୍ତି, ସେମାନେ ଘୋଷଯାତ୍ରା ଦର୍ଶନର ଫଳ ଲାଭ କରିଥାଆନ୍ତି ବୋଲି ନୀଳାଦ୍ରି ମହୋଦୟରେ ଉଲ୍ଲେଖ ରହିଛି-

ଯେ ପଶ୍ୟନ୍ତି ନରା ଭକ୍ତ୍ୟା ହ୍ୟେତଦୁତ୍ସବମୁତ୍ତମମ୍ ।<br>
ତେଷାଂ ଚ ଦୁଷ୍କୃତଂ ନଶ୍ୟେତ୍ ସର୍ବାନ୍ କାମାନ୍ ଭଜନ୍ତି ତେ ॥<br>
ବସନ୍ତଗୁଣ୍ଡିଚେତ୍ୟେତଂ ପଶ୍ୟନ୍ ଜନ୍ମ ଚ ଯୋ ବସେତ୍ ।<br>
ଘୋଷଯାତ୍ରାଫଳଂ ସୋଽପି ପ୍ରାପ୍ନୁୟାନ୍ନାତ୍ର ସଂଶୟଃ ॥

(ନୀଳାଦ୍ରିମହୋଦୟ)

**ଦୋଳଯାତ୍ରା :** ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ଦୋଳଯାତ୍ରା ଫାଲ୍‌ଗୁନ ଶୁକ୍ଳ ଦଶମୀ ଠାରୁ ପୂର୍ଣ୍ଣିମା ପରଦିନ ପର୍ଯ୍ୟନ୍ତ ସାତଦିନ ଧରି ଅନୁଷ୍ଠିତ ହୁଏ । ଫାଲ୍‌ଗୁନ୍ ଶୁକ୍ଳ ଦଶମୀ ଠାରୁ ତ୍ରୟୋଦଶୀ ପର୍ଯ୍ୟନ୍ତ ମଧ୍ୟାହ୍ନ ଧୂପ ପରେ ମହାପ୍ରଭୁଙ୍କର ଆଜ୍ଞାମାଳ ପାଇ ଶ୍ରୀଦେବୀ, ଭୂଦେବୀ ଓ ଶ୍ରୀଦୋଳଗୋବିନ୍ଦ ଜଗନ୍ନାଥବଲ୍ଲଭ ମଠକୁ ଯାତ୍ରା କରନ୍ତି । ସେଠାରେ ବନ୍ଦାପନା ଓ ଫଗୁଖେଳ ପ୍ରଭୃତି ଅନୁଷ୍ଠିତ ହୋଇଥାଏ । ଚତୁର୍ଦ୍ଦଶୀ ଦିନ ମଧ୍ୟାହ୍ନ ଧୂପ ଓ ସର୍ବାଙ୍ଗ ପରେ ଛେଚେରୀ ବେଶ, ଛେଚେରୀ ଭୋଗ, ଫଗୁଲାଗି ହେବା ପରେ ଦୋଳବେଦୀ ନିକଟରେ ଥିବା ଅଗ୍ନି ଉତ୍ସବ ଗୃହକୁ ତିନି ଠାକୁର ଠାକୁରାଣୀଙ୍କ ଯାତ୍ରା, ଗୃହଦାହ, ଭୋଗ ଓ ବନ୍ଦାପନାଦି ଅନୁଷ୍ଠିତ ହୁଏ । ସେହିପରି ପୂର୍ଣ୍ଣିମା ଦିନ ସକାଳ ଖଇକୋରା ଭୋଗ ହେବା ପରେ ଶ୍ରୀଦେବୀ, ଭୂଦେବୀ ଓ ଶ୍ରୀଦୋଳଗୋବିନ୍ଦ ଶ୍ରୀଜଗନ୍ନାଥଙ୍କଠାରୁ ଆଜ୍ଞାମାଳ ପାଇ ଦୋଳମଣ୍ଡପକୁ ଯାତ୍ରା କରି ଦୋଳିରେ ଝୁଲନ୍ତି । ଚୈତ୍ର କୃଷ୍ଣ ପ୍ରତିପଦା ଦିନ ଶ୍ରୀଦେବୀ, ଭୂଦେବୀ ଓ ଶ୍ରୀଦୋଳଗୋବିନ୍ଦ ନରେନ୍ଦ୍ର ପୁଷ୍କରିଣୀ ନିକଟକୁ ଯାତ୍ରା କରନ୍ତି । ସେଠାରେ ଚନ୍ଦନ, ହରିଦ୍ରା ଜଳସେକ ଓ ବନ୍ଦାପନାଦି ବିଧି ପରେ ବଡ଼ଦେଉଳକୁ ବାହୁଡ଼ି ଆସନ୍ତି ।

*ଡକ୍ଟର ନରେଶ ଚନ୍ଦ୍ର ଦାଶ*
*ମହାସଚିବ, ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ*

ଜାଣିବା କଥା ...

# ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିରରେ 'ଛାମୁଚଣ୍ଡୀ' କହିଲେ କ'ଣ ବୁଝାଯାଏ ?
ଉ - ଆଶ୍ୱିନ ମାସ ଷୋଳପୂଜାରେ ମା'ବିମଳାଙ୍କ ଜଗମୋହନରେ ସପ୍ତଶତୀ ଚଣ୍ଡୀ ପାଠ କରୁଥିବା ବ୍ରାହ୍ମଣ ବିଶେଷ ।

୨. ପ୍ର - ଶ୍ରୀମନ୍ଦିରରେ 'ଛାମୁ ଦିହୁଡ଼ି' କ'ଣ ଗୁରୁତ୍ୱ ବହନ କରିଥାଏ ?
ଉ - ରାଜା / ଠାକୁରଙ୍କ ଆଗରେ ବ୍ୟବହୃତ ହେଉଥିବା ମଶାଲ । ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ଠାକୁରଙ୍କୁ ପ୍ରତ୍ୟେହ ଭିତର ଓ ବାହାର ବିଜେରେ ଦକ୍ଷିଣି ଘରୁ ଭିତରକୁ ଗଲାବେଳେ ସମ୍ମୁଖରେ ଜଳୁଥିବା ମଶାଲ । ରଥରେ ସନ୍ଧ୍ୟା ଠାରୁ ବଡ଼ସିଂହାର ପର୍ଯ୍ୟନ୍ତ ଦିହୁଡ଼ି ଜଳୁଥାଏ । ସ୍ନାନଯାତ୍ରା ବିଜେ ଓ ବାହୁଡ଼ା ପହଣ୍ଡିରେ ମଧ୍ୟ ଦିହୁଡ଼ି ଜାଳିବାର ବ୍ୟବସ୍ଥା ଥିଲା ।

୩. ପ୍ର- ଶ୍ରୀମନ୍ଦିରରେ 'ଛାମୁ ପଢ଼ିହାରୀ'ଙ୍କ କାର୍ଯ୍ୟ କ'ଣ ?
ଉ- ଏମାନେ ହେଉଛନ୍ତି ଶ୍ରୀମନ୍ଦିରର ପଢ଼ିଆରୀ ସେବକ ବିଶେଷ । ଭୋଗ ଡାକିଯିବା, ଛେକ ଓ ବାଟ ଦେଖି ପହଣ୍ଡି କଢ଼ାଇ ନେବା ସେବକ ବିଶେଷ ।

୪. ପ୍ର- ଶ୍ରୀମନ୍ଦିରରେ 'ଛାମୁ ଲେଙ୍କା'ଙ୍କ କାର୍ଯ୍ୟ କ'ଣ ?
ଉ- ଶ୍ରୀଜୀଉଙ୍କ ଆଗରେ ଚକ୍ରଧରି ଛପକୁ ଯାଉଥିବା ଲେଙ୍କା ।

୫. ପ୍ର- ଶ୍ରୀମନ୍ଦିରରେ 'ଛୁରୀ ଖଣ୍ଡା ସେବା' କ'ଣ ଗୁରୁତ୍ୱ ବହନ କରିଥାଏ ?
ଉ- ଅଙ୍ଗରକ୍ଷୀ ସେବା । ଶ୍ରୀମନ୍ଦିରର ଶ୍ରୀଠାକୁରଙ୍କର ଏକ ମର୍ଯ୍ୟାଦାଜନକ ସେବା । ଦେଉଳକରଣଙ୍କ ଦ୍ୱାରା ଏହା ସମ୍ପନ୍ନ କରାଯାଇଥାଏ । ଛୁରୀ ଖଣ୍ଡା ସୂର୍ଯ୍ୟବଂଶୀୟ ରାଜାମାନଙ୍କର ପ୍ରତୀକ ଭାବେ ଏହି ଅଭିଲେଖାଦିରୁ ସୂଚନା ମିଳେ ।

୬. ପ୍ର- ଶ୍ରୀମନ୍ଦିରରେ 'ଛାମୁ ଦିହୁଡ଼ିଆ ସେବକ'ଙ୍କ କାର୍ଯ୍ୟ କ'ଣ ?
ଉ- ଯେଉଁ ବ୍ୟକ୍ତି ରାଜା ବା ଦେବତାଙ୍କ ଆଗେ ଆଗେ ମଶାଲ ଧରିଯାଏ । ଏପରିକି ଗଜପତି ମହାରାଜାଙ୍କ ସମ୍ମୁଖ ଭାଗରେ ଦିହୁଡ଼ି ଧରିଯିବା ସେବକଙ୍କୁ ମଧ୍ୟ ଛାମୁ ଦିହୁଡ଼ିଆ କୁହାଯାଏ ।

*ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

# ମା ନଥାଇ ମାଉସୀ ମା

ଆମ ସମାଜରେ ଗୋଟିଏ କଥା ପ୍ରଚଳିତ ଅଛି । ତାହା ହେଲା ମା ନ ଥିଲେ କ'ଣ ହେଲା, ମାଉସୀ ତ ଅଛନ୍ତି । ମା'ଙ୍କ ଭଉଣୀ ହୋଇଥିବା ଯୋଗୁଁ ମାଉସୀ ଆପଣା ଜନ୍ମଦାତ୍ରୀ ମା ଭଳି ସ୍ନେହ ଆଦର ଦେଇଥାଆନ୍ତି । ବଡ଼ ଦେଉଳରେ ରତ୍ନସିଂହାସନରେ ପୂଜା ପାଉଥିବା ଶ୍ରୀଜଗନ୍ନାଥ ମହାପ୍ରଭୁ, ବଡ଼ ଠାକୁର ଶ୍ରୀବଳଭଦ୍ର ଏବଂ ସାନ ଭଉଣୀ ମା' ସୁଭଦ୍ରାଙ୍କର ମା' କିଏ ସଠିକ ଭାବେ କହି ହେବ ନାହିଁ । କାରଣ ଏମାନେ ସ୍ୱୟଂ ସୃଷ୍ଟିର କାରଣ । ମାତ୍ର ଭକ୍ତ ମୁଖରେ ପୁରୀ ବଡ଼ଦାଣ୍ଡରେ ଦଇତାପଡ଼ା ସାହି ମୁଣ୍ଡରେ ଯେଉଁ ମନ୍ଦିରଟି ରହିଛି ସେଠାରେ ପୂଜା ପାଉଛନ୍ତି ମାଉସୀ ମା । ବାପାଙ୍କର ବୋଉର ଭଉଣୀକୁ ଡ଼କାଯାଏ ମାଉସୀ ମା' ନାମରେ । ମାତ୍ର ଏଠାରେ ଦିଅଁମାନଙ୍କର ମା'ଙ୍କର ଭଉଣୀ ମାଉସୀମା ନାମରେ ପରିଚିତା । ପୁରାଣ ମତ ଅନୁଯାୟୀ ପ୍ରଳୟ କାଳରେ କାରଣ ବାରିରୁ ଅର୍ଦ୍ଧଭାଗ ଶୋଷଣ କରିଦେଇଥିବାରୁ ଇଏ ହେଉଛନ୍ତି ଅର୍ଦ୍ଧଶୋଷିଣୀ । କେହି କେହି କହିଥାଆନ୍ତି ଅର୍ଦ୍ଧାଶିନୀ ଦେବୀ । ବାସ୍ତବିକ ଇଏ ହେଉଛନ୍ତି ଦଇତାପଡ଼ା ସାହିର ଗ୍ରାମଦେବତୀ । ଶ୍ରୀଜଗନ୍ନାଥ ମହାପ୍ରଭୁ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ଦିନ ଭାଇ ଭଉଣୀଙ୍କୁ ରଥରେ ବସାଇ ଥାଟ ପଟୁଆର ସହ ବଡ଼ଦାଣ୍ଡର ଶେଷ ସୀମାରେ ଥିବା ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥାଆନ୍ତି । ଏହାକୁ କୁହାଯାଏ ରଥଯାତ୍ରା । ପୁରୀକୁ ଛାଡ଼ିଦେଲେ ଓଡ଼ିଶାର କେତେକ ସ୍ଥାନରେ ଭକ୍ତମାନେ କହିଥାଆନ୍ତି ମହାପ୍ରଭୁ ନଅଦିନ ପାଇଁ ରଥଯାତ୍ରା କରି ମାଉସୀ ଘରକୁ ଯାଆନ୍ତି । ସେଠାରେ ମାଉସୀଙ୍କ ହାତ ତିଆରି ପୋଡ଼ପିଠା ଭୋଜନ କରି ବାହୁଡ଼ା ଯାତ୍ରାରେ ଶ୍ରୀମନ୍ଦିରକୁ ବାହୁଡ଼ି ଆସନ୍ତି । ପ୍ରକୃତ କଥାଟି ହେଉଛି ଶ୍ରୀଗୁଣ୍ଡିଚା ମନ୍ଦିର ହେଉଛି ଦିଅଁମାନଙ୍କର ଜନ୍ମ ବେଦି । ଜନ୍ମସ୍ଥାନକୁ ବରଷକୁ ଥରେ ଯାଇ ଲୀଳା କରିବା ମହାପ୍ରଭୁଙ୍କର ଆନ୍ତରିକ ଇଚ୍ଛା । ଫେରିବା ବେଳେ ବାଟରେ ମାଉସୀ ମା'ଙ୍କ ମନ୍ଦିର ସାମନାରେ ରଥ ଅଟକାଇ ମାଉସୀ ମା'ଙ୍କ ହାତ ତିଆରି ସୁଆଦିଆ ପୋଡ଼ପିଠା ଭୋଜନ କରିଥାଆନ୍ତି । ଏହି ପୋଡ଼ପିଠା ଛେନା, ଅଟା, ଚାଉଳଚୂନା, ଗୁଆଘିଅ, ବାଦାମ, ଖିସ୍‌ମିସ୍, ଅଳେଇଚ, ଲବଙ୍ଗ ମିଶ୍ରଣରେ ତିଆରି ହୋଇଥାଏ ।



ବଡ଼ ଦେଉଳରେ ପ୍ରତିଦିନ ପୋଡ଼ପିଠା ଭୋଗ ହୁଏ । ସେଠାରେ ପିଠା ତିଆରି ଦାୟିତ୍ୱ ମା ମହାଲକ୍ଷ୍ମୀଙ୍କର । ମହାପ୍ରଭୁଙ୍କର ଶ୍ରୀମୁଖ ବଚନ ହେଉଛି-

'ମୋର ମନ କଥାକୁ ଯେ ଲକ୍ଷ୍ମୀ ଜାଣିଥାଇ
ଭୋଜନ ଶେଷରେ ପୋଡ଼ ପିଠାଏ ଦିଅଇ ।'

ମାତ୍ର ଦେଉଳକୁ ଫେରିବା ବାଟରେ ରଥ ଉପରେ ମନଲାଖି ପେଟପୂରା ଭୋଜନ କରିବାର ଅବକାଶ ନ ଥାଏ । ମାଉସୀ ମା ଶ୍ରଦ୍ଧାରେ ସ୍ୱାଦିଷ୍ଟ ପୋଡ଼ପିଠା ରଥ ପାଖକୁ ପଠାଇ ଦିଅନ୍ତି । ଶ୍ରଦ୍ଧା ମିଶ୍ରିତ ପୋଡ଼ପିଠା ଖାଇ ଖାଇ ଭାଇ ଭଉଣୀଙ୍କ ସହିତ ମହାପ୍ରଭୁ ରଥ ଉପରେ ବସି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥାଆନ୍ତି । ଓଡ଼ିଶାର କେତେକ ସ୍ଥାନରେ ଦିଅଁମାନେ ତିନୋଟି ରଥରେ ନ ବସି ଗୋଟିଏ ରଥରେ ଯାତ୍ରା କରିଥାଆନ୍ତି । ସେହି ରଥ ନ'ଦିନ ଠାରୁ ଅଧିକ ସମୟ ତଥାକଥିତ ମାଉସୀଙ୍କ ଘରେ ଅଟକି ରହେ । ମାଉସୀଙ୍କ ଘରେ ନିତିଦିନିଆ ଅନ୍ନଭୋଗ ହେବା ସହିତ ପୋଡ଼ପିଠା ମଧ୍ୟ ଭୋଗ ହୋଇଥାଏ । ମା'ଙ୍କର ହାତରନ୍ଧା ସ୍ୱାଦିଷ୍ଟ ଖାଦ୍ୟ ଭୋଜନ ପାଇଁ ମହାପ୍ରଭୁ ଆଗ୍ରହ ପ୍ରକାଶ କରିଥାଆନ୍ତି । ସେଥିପାଇଁ ସ୍ୱତନ୍ତ୍ରଭାବେ ଶ୍ରୀମନ୍ଦିରରେ ପହିଲି ଭୋଗ ବ୍ୟବସ୍ଥା ରହିଛି । ମାତ୍ର ରଥଯାତ୍ରା ସମୟରେ ମା'ଙ୍କ ବଦଳରେ ମାଉସୀ ମା'ଙ୍କ ହାତରେ ପ୍ରସ୍ତୁତ ପୋଡ଼ପିଠା ଅତ୍ୟନ୍ତ ସ୍ୱାଦିଷ୍ଟ ଏବଂ ସୁରୁଚି ସଂପନ୍ନ ।

*ଶ୍ରୀ ଶଂକର୍ଷଣ ମଂଗରାଜ*
*(ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ), ମଂଗଳାଘାଟ ରୋଡ଼, ପୁରୀ-୧*

## ଅକ୍ଟୋବର ମାସର ବିଶିଷ୍ଟ ଦିବସ

| | | | |
|---|---|---|---|
| ତା. ୭.୧୦.୨୩ ରିଖ ଶନିବାର | ଶ୍ରୀମନ୍ଦିରରେ ମୂଳାଷ୍ଟମୀ, ସହସ୍ର କୁମ୍ଭାଭିଷେକ | ତା. ୨୧.୧୦.୨୩ ରିଖ ଶନିବାର | ଶ୍ରୀମନ୍ଦିରରେ ମହାଷ୍ଟମୀ |
| ତା. ୧୦.୧୦.୨୩ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ଇନ୍ଦିରା ଏକାଦଶୀ | ତା. ୨୨.୧୦.୨୩ ରିଖ ରବିବାର | ଶ୍ରୀମନ୍ଦିରରେ ମହାନବମୀ |
| ତା. ୧୫.୧୦.୨୩ ରିଖ ରବିବାର | ଶ୍ରୀମନ୍ଦିରରେ ମହାଳୟା ଅମାବାସ୍ୟା ଦୁର୍ଗାମାଧବଙ୍କ ବାହାର ବିଜେ | ତା. ୨୪.୧୦.୨୩ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ଦଶହରା |
| ତା. ୧୮.୧୦.୨୩ ରିଖ ବୁଧବାର | ଶ୍ରୀମନ୍ଦିରରେ ଗର୍ଭଣା ସଂକ୍ରାନ୍ତି | ତା. ୨୫.୧୦.୨୩ ରିଖ ବୁଧବାର | ଶ୍ରୀମନ୍ଦିରରେ ବାଳଧୂପ ଓ ରାଧାଦାମୋଦର ବେଶ ଆରମ୍ଭ |
| ତା. ୨୦.୧୦.୨୩ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ମହାସପ୍ତମୀ | ତା. ୨୮.୧୦.୨୩ ରିଖ ଶନିବାର | ଶ୍ରୀମନ୍ଦିରରେ କୁମାର ପୂର୍ଣ୍ଣିମା ଓ ଶ୍ରୀସୁଦର୍ଶନ ଦେବଙ୍କ ଆଶ୍ରମ ବିଜେ |

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

**Printed & Published by Shree Jagannatha Temple Administration, Puri, Ph. : 06752-222002, Fax - 252100**
E-mail : jagannath.or@nic.in * Web Site : www.shreejagannatha.in Printed at : Rama Press, Near Amala Club, Puri
@Shree Jagannatha Temple, Puri @jagannathadhaam @JagannathaDhaam @SJTA_Puri ମୂଲ୍ୟ : ଦୁଇଟଙ୍କା ମାତ୍ର